# 'ରନ୍ ଫର୍ ଶିମିଳିପାଳ' ଥିମ୍‌ରେ ଦୌଡ଼ିବ ମୟୂରଭଞ୍ଜ

## ୧୯ରେ ମୟୂରଭଞ୍ଜ ହାଫ୍ ମାରାଥନ

ବାରିପଦା,୮।୧(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ପ୍ରକୃତିର ଅବଦାନ ଶିମିଳିପାଳ ଜୈବ ମଣ୍ଡଳର ସୁରକ୍ଷା ନିମନ୍ତେ ଜିଲା ପ୍ରଶାସନ ପକ୍ଷରୁ ଆସନ୍ତା ୧୯ରେ 'ରନ୍ ଫର୍ ଶିମିଳିପାଳ' ହାଫ୍ ମାରାଥନ ଅନୁଷ୍ଠିତ ହେବ। ଏନେଇ ପ୍ରଶାସନ ପକ୍ଷରୁ ବ୍ୟାପକ ପ୍ରସ୍ତୁତି ଆରମ୍ଭ ହୋଇଛି। ଏହି ମାରାଥନ ପ୍ରତିଯୋଗିତାରେ ଭାଗ ନେବା ପାଇଁ ଅନଲାଇନ ଓ ଅଫଲାଇନ ପଞ୍ଜୀକରଣ ବ୍ୟବସ୍ଥା ମଧ୍ୟ କରାଯାଇଛି। ମୟୂରଭଞ୍ଜ ମାଟିର ଗର୍ବ ଏବଂ ବିଶ୍ୱ ଜୈବ ମଣ୍ଡଳର ଅନନ୍ୟ ଅବଦାନ ଶିମିଳିପାଳର ସୁରକ୍ଷା ଏବଂ ଏହାର ପ୍ରାକୃତିକ ପରିବେଷ୍ଟନୀର ଯତ୍ନ ନିମନ୍ତେ ଜନ ସଚେତନତା ନିହାତି ଆବଶ୍ୟକ। ଏହି ପରିପ୍ରେକ୍ଷୀରେ ଜିଲା ପ୍ରଶାସନ ଏବଂ ମୟୂରଭଞ୍ଜ ଆଥଲେଟିକ ଆସୋସିଏସନର ମିଳିତ ଉଦ୍ୟମରେ ହାଫ ମାରାଥନ କରାଯିବ। ଜିଲା ପ୍ରଶାସନ ସୋସିଆଲ ମିଡିଆ ହ୍ୟାଣ୍ଡେଲ ମାଧ୍ୟମରେ ଅନଲାଇନ କ୍ୟୁ ଆର୍ କୋଡ୍ ସ୍କାନ କରି ଇଚ୍ଛୁକ ପ୍ରତିଯୋଗୀମାନେ ପଞ୍ଜୀକରଣ କରିପାରିବେ।

ଏହି ମାରାଥନ ପ୍ରତିଯୋଗିତା ଦୁଇଟି ପର୍ଯ୍ୟାୟରେ ବାରିପଦା ଷ୍ଟାଡିୟମଠାରୁ ଆରମ୍ଭ ହୋଇ ଶିମିଳିପାଳ ପାଦ ଦେଶସ୍ଥିତ ପିଠାବଟା ଗେଟ ପର୍ଯ୍ୟନ୍ତ ହେବ। ପ୍ରଥମ ପର୍ଯ୍ୟାୟରେ ମିନି ମାରାଥନ ଯାହା ୧୦ କି.ମି.(୧୬ ବର୍ଷରୁ ଊର୍ଦ୍ଧ୍ୱ ମହିଳା ଓ ପୁରୁଷ) ପର୍ଯ୍ୟନ୍ତ ହେଉଥିବା ବେଳେ ୨୧ କି.ମି. ପର୍ଯ୍ୟନ୍ତ (୧୮ ବର୍ଷରୁ ଊର୍ଦ୍ଧ୍ୱ ମହିଳା ପୁରୁଷ) ଅନୁଷ୍ଠିତ ହେବ। ଏହି ପ୍ରତିଯୋଗିତାରେ ପଞ୍ଜୀକରଣ କରିବାର ଶେଷ ତାରିଖ ହେଉଛି ୧୭ ଏବଂ ବାରିପଦାଠାରେ ରିପୋର୍ଟିଂ ସମୟ ୧୮ ତାରିଖ ବୋଲି ପ୍ରଶାସନ ପକ୍ଷରୁ ଧାର୍ଯ୍ୟ କରାଯାଇଛି। ଏହି ପଞ୍ଜୀକରଣ ବିନାମୂଲ୍ୟରେ ଏବଂ ଭାଗ ନେଉଥିବା ସମସ୍ତ ପ୍ରତିଯୋଗୀଙ୍କୁ ଅଂଶଗ୍ରହଣ ଟି ସାର୍ଟ,ସାର୍ଟିଫିକେଟ ଓ ମେଡାଲ ଦିଆଯିବାର ବ୍ୟବସ୍ଥା ମଧ୍ୟ କରାଯାଇଛି। ହାଫ ମାରାଥନରେ ବିଜୟୀ ପ୍ରଥମ, ଦ୍ୱିତୀୟ ଓ ତୃତୀୟ (ଉଭୟ ମହିଳା ପୁରୁଷ ବିଭାଗ)ଙ୍କ ପାଇଁ ଅର୍ଥରାଶି ଯଥାକ୍ରମେ ୫୦ହଜାର, ୩୫ ହଜାର ଓ ୨୫ ହଜାର ଟଙ୍କା ଥିବାବେଳେ ମିନି ମାରାଥନରେ କୃତୀ ପ୍ରତିଯୋଗୀଙ୍କ ପାଇଁ ୫ହଜାର, ୩ହଜାର ଓ ୨ହଜାର ଟଙ୍କା ଲେଖାଏ ପୁରସ୍କାର ଅର୍ଥରାଶି ରଖାଯାଇଛି। ଜିଲାପାଳ ହେମକାନ୍ତ ସୟଙ୍କ ପ୍ରଚେଷ୍ଟାରେ ମୟୂରଭଞ୍ଜରେ ପ୍ରଥମ ଥର ପାଇଁ ଏହି ହାଫ ମାରାଥନ ଆୟୋଜନ ହେଉଥିବାରୁ ସମସ୍ତ ପ୍ରତିଯୋଗୀଙ୍କ ସମେତ ସାଧାରଣରେ ଉତ୍ସୁକତା ଦେଖାଦେଇଛି। ଏଥିସହିତ ଜିଲାରେ ଥିବା ଆଥଲେଟ ଏବଂ ରାଜ୍ୟ ସମେତ ରାଜ୍ୟ ବାହାରୁ ମଧ୍ୟ ଖେଳାଳି ଏହି ପ୍ରତିଯୋଗିତାରେ ଭାଗ ନେବାପାଇଁ ଆସୁଛନ୍ତି। ଶିମିଳିପାଳ ବନଖଣ୍ଡ, ଶିମିଳିପାଳ ବଞ୍ଚାଅ ଫାଉଣ୍ଡେସନ, ପୋଲିସ ପ୍ରଶାସନ ଏହି ପ୍ରତିଯୋଗିତାରେ ବିଶେଷ ଦାୟିତ୍ୱ ନିର୍ବାହ କରୁଥିବା ବେଳେ ମୟୂରଭଞ୍ଜ ଆଥଲେଟିକ ଆସୋସିଏସନ ଓ ଜିଲା ପ୍ରଶାସନର କ୍ରୀଡା ଅନୁଭାଗ ଏଥିପାଇଁ ସମସ୍ତ ପ୍ରକାରର ସହଯୋଗ ଓ ସଂଯୋଜନା କରୁଛନ୍ତି। ଏହି ମାରାଥନର ନୋଡାଲ ଅଧିକାରୀ ଭାବେ ଜିଲା କ୍ରୀଡ଼ା ଅଧିକାରୀ ଶୁଭାଶିଷ ନାୟକ ସମସ୍ତ ସଞ୍ଚାଳନ କାର୍ଯ୍ୟ ବ୍ୟବସ୍ଥାପନା କରୁଛନ୍ତି।

# ସାନ୍ତାଳୀ ଭାଷା ଦିବସ

ବାରିପଦା,୮।୧(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ବାରିପଦା ତକତପୁରସ୍ଥିତ ମହାରାଜା ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓ ବିଶ୍ୱ ବିଦ୍ୟାଳୟର ସାନ୍ତାଳୀ ବିଭାଗ ଆନୁକୂଲ୍ୟରେ ସାନ୍ତାଳୀ ଭାଷା ଦିବସ ପାଳିତ ହୋଇଯାଇଛି। ବିଭାଗୀୟ ମୁଖ୍ୟ ଡ.ଯତୀନ୍ଦ୍ର ନାଥ ବେଶ୍ରା ଏଥିରେ ପୌରାହିତ୍ୟ କରିଥିଲେ। ମୁଖ୍ୟ ଅତିଥି ଭାବେ ତକତପୁର ଆଇଟିଆଇର ଅଧ୍ୟକ୍ଷ ଇଂ. କାନ୍ଦାନ ମାଝୀ, ସମ୍ମାନିତ ଅତିଥି ଭାବେ ବିଶ୍ୱବିଦ୍ୟାଳୟ ପଦାର୍ଥ ବିଜ୍ଞାନ ବିଭାଗର ଅଧ୍ୟାପକ ଡ.ଗୋପାଲ ହାଁସଦା, ଉଦ୍ଭିଦ ବିଜ୍ଞାନ ବିଭାଗର ଅଧ୍ୟାପିକା ଡ.ବିଷ୍ଣୁପ୍ରିୟା ହାଁସଦା, ଏମ୍‌ପିସି ମହାବିଦ୍ୟାଳୟ ସାନ୍ତାଳୀ ବିଭାଗର ଅଧ୍ୟାପକ ସଞ୍ଜୟ କୁମାର ହେମ୍ବ୍ରମ ଓ ମଦନ ହେମ୍ବ୍ରମ ପ୍ରମୁଖ ଉପସ୍ଥିତ ଥିଲେ। ଅଧ୍ୟାପକ ଦୁର୍ଗା ସୋରେନ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ବିଶ୍ୱବିଦ୍ୟାଳୟର ସାନ୍ତାଳୀ ଛାତ୍ରୀଛାତ୍ରମାନେ ଉପସ୍ଥିତ ଥିଲେ। ଅଧ୍ୟାପକ ପିଲୁଆନୁ ଠାକୁର ମୁର୍ମୁ ଧନ୍ୟବାଦ ଦେଇଥିଲେ।

# ଜିଲାସ୍ତରୀୟ ପ୍ରବାସୀ ଭାରତୀୟ ଦିବସ


କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

ବାରିପଦା,୮।୧(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ସମଗ୍ର ଶିକ୍ଷା ମୟୂରଭଞ୍ଜ ଆନୁକୂଲ୍ୟରେ ୧୮ତମ ପ୍ରବାସୀ ଭାରତୀୟ ଦିବସ ସ୍ଥାନୀୟ ମହାରାଜା କୃଷ୍ଣଚନ୍ଦ୍ର ଉଚ୍ଚ ବିଦ୍ୟାଳୟ ବାରିପଦା ପରିସରରେ ଅନୁଷ୍ଠିତ ହୋଇଯାଇଛି। ପ୍ରବାସୀ ଭାରତୀୟଙ୍କ ସଫଳତା ଓ ଭାରତର ପ୍ରଗତିରେ ସେମାନଙ୍କର ଅବଦାନ ପ୍ରସଙ୍ଗକୁ ନେଇ ଜିଲାସ୍ତରରେ ବିଭିନ୍ନ ପ୍ରତିଯୋଗିତା ଆୟୋଜନ କରଯାଇଥିଲା। ଜିଲାର ପ୍ରତି ବ୍ଲକରୁ କୃତି ପ୍ରତିଯୋଗୀମାନେ କୁଇଜ, ପୋଷ୍ଟର ପ୍ରସ୍ତୁତି, ପ୍ରବନ୍ଧ ଲିଖନ ଓ ସାଇକେଲ ଚାଳନା ଆଦି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ।

ଜିଲା ଶିକ୍ଷା ଅଧିକାରୀ ତଥା ଜିଲା ପ୍ରକଳ୍ପ ସଂଯୋଜକ ପୂର୍ଣ୍ଣଚନ୍ଦ୍ର ସେଠୀଙ୍କ ପୌରହିତ୍ୟରେ ଅନୁଷ୍ଠିତ ଉଦ୍‌ଘାଟନୀ ସମାରୋହରେ ମୁଖ୍ୟ ଅତିଥିଭାବେ ଅତିରିକ୍ତ ଜିଲାପାଳ ନେତ୍ରାନନ୍ଦ ମଲ୍ଲିକ, ସମ୍ମାନିତ ଅତିଥିଭାବେ ମହାରାଜା କୃଷ୍ଣଚନ୍ଦ୍ର ଉଚ୍ଚ ବିଦ୍ୟାଳୟ ବାରିପଦାର ପ୍ରଧାନ ଶିକ୍ଷୟିତ୍ରୀ ବାସନ୍ତୀ ଟୁଡୁ ପ୍ରମୁଖ ଯୋଗଦାନ କରି ଭାରତର ପ୍ରଗତିରେ ପ୍ରବାସୀ ଭାରତୀୟ ମାନଙ୍କର ଅବଦାନ ଅତୁଳନୀୟ ବୋଲି ଉଲ୍ଲେଖ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଭାରତୀୟ ମହାକାଶ ଗବେଷଣା ସଂସ୍ଥା ବୈଜ୍ଞାନିକ ତଥା ପ୍ରବାସୀ ଭାରତୀୟ ଶୁଭାଶିଷ ଚାଟାର୍ଜୀ ଯୋଗଦାନ କରିଥିଲେ। ଅନ୍ୟତମ ଅତିଥି ଭାବେ ଜିଲା ବିଜ୍ଞାନ ପରିଦର୍ଶକ ଜ୍ଞାନରଞ୍ଜନ ଆଚାର୍ଯ୍ୟ ଯୋଗଦାନ କରିଥିଲେ। ଉଭୟ ଉଦ୍‌ଘାଟନୀ ଓ ଉଦ୍‌ଯାପନୀ ସଭାରେ ଆଦିବାସୀ ଶିକ୍ଷା ସଂଯୋଜକ ସପନ କୁମାର ପୃଷ୍ଟି ଧନ୍ୟବାଦ ଅର୍ପଣ କରିଥିଲେ। ଜିଲାର ସମସ୍ତ ୨୬ଟି ବ୍ଲକରୁ ୧୮୨ ଜଣ ପ୍ରତିଯୋଗୀ ୭ଟି ବିଭାଗରେ ଅଂଶଗ୍ରହଣ କରିଥିଲେ। ସେଥି ମଧ୍ୟରୁ ପ୍ରତ୍ୟେକ ବିଭାଗର ଶ୍ରେଷ୍ଠ ୩ଜଣ ପ୍ରତିଯୋଗୀଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା।

# ୩୫୩ ଛାତ୍ରୀଛାତ୍ର ଦେଲେ ପ୍ରବେଶିକା ପରୀକ୍ଷା

## ଆଦର୍ଶ ବିଦ୍ୟାଳୟରେ ନାମଲେଖା

ଖାରପୋଖରିଆ,୮।୧(ସୁଧିର କୁମାର ମହାନ୍ତ)

ସାରସକଣା ବ୍ଲକ ଅଧୀନ ଶୀର୍ଷାସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ଚଳିତ ୨୦୨୫-୨୬ ଶିକ୍ଷାବର୍ଷରେ ଅଧ୍ୟୟନ ନିମନ୍ତେ ପ୍ରବେଶିକା ପରୀକ୍ଷା ଅନୁଷ୍ଠିତ ହୋଇଯାଇଛି। ଶିକ୍ଷା ବିଭାଗ ପକ୍ଷରୁ ଶୀର୍ଷା ସରକାରୀ ଉଚ୍ଚ ବିଦ୍ୟାଳୟ ଓ ଶୀର୍ଷା ଓଡ଼ିଶା ଆଦର୍ଶ ବିଦ୍ୟାଳୟ ପରୀକ୍ଷା କେନ୍ଦ୍ରରେ ପରୀକ୍ଷାର୍ଥୀଙ୍କ ସକାଶେ ବ୍ୟବସ୍ଥା କରାଯାଇଥିଲା। ଏହି ୨ଟି କେନ୍ଦ୍ରରେ ୩୫୩ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିଲେ। ଶୀର୍ଷା ଆଦର୍ଶ ବିଦ୍ୟାଳୟ କେନ୍ଦ୍ରରେ ଷଷ୍ଠ, ସପ୍ତମ ଓ ନବମ ଶ୍ରେଣୀ ପାଇଁ ୧୭୧ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିଲେ। ଉକ୍ତ ବିଦ୍ୟାଳୟର ଅଧ୍ୟକ୍ଷ ସୁମନ ଜେନା ସେଣ୍ଟର ସୁପରିଣ୍ଟେଣ୍ଡେଣ୍ଟ ଥିବାବେଳେ ବ୍ଲକ ସହ ଶିକ୍ଷାଧିକାରୀ ସୁମନ୍ତ କୁମାର ନାଏକ ଅବଜରଭର ଦାୟିତ୍ୱ ତୁଲାଇଥିଲେ। ସେହିପରି ଶୀର୍ଷା ସରକାରୀ ଉଚ୍ଚ ବିଦ୍ୟାଳୟ କେନ୍ଦ୍ରରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଗୋବିନ୍ଦ ଚନ୍ଦ୍ର ମାହାଲି ସୁପରିଣ୍ଟେଣ୍ଡେଣ୍ଟ ଓ ଅବଜରଭର ଭାବେ ଖାରପୋଖରୀଆ ୟୁଜି ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅମୂଲ୍ୟ କୁମ୍ଭକାର କାର୍ଯ୍ୟ ତୁଲାଇଥିଲେ। ଏହି କେନ୍ଦ୍ରରେ ଷଷ୍ଠ ଶ୍ରେଣୀରେ ଅଧ୍ୟୟନ ପାଇଁ ୧୮୨ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିଲେ।

# ସରିଲା ବୈଶିଙ୍ଗା ମହୋତ୍ସବ


ଅତିଥିଙ୍କ ସହ ପୁରସ୍କୃତ ପ୍ରତିଯୋଗୀମାନେ।

ବୈଶିଙ୍ଗା,୮।୧(ରତନ ଦାଶ)

ମୟୂରଭଞ୍ଜ ଜିଲା ବୈଶିଙ୍ଗାଠାରେ ୨ ତାରିଖରୁ ଚାଲିଥିବା ବୈଶିଙ୍ଗା ମହୋତ୍ସବ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ଏହି ଉପଲକ୍ଷେ ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ମୟୂରଭଞ୍ଜ ଜିଲା ଅତିରିକ୍ତ ଜିଲାପାଳ ନେତ୍ରାନନ୍ଦ ମଲ୍ଲିକ ଯୋଗଦେଇ କଳାର ମାଟି ମୟୂରଭଞ୍ଜ ଜିଲା ପାଇଁ ସମସ୍ତେ ଗର୍ବ ଅନୁଭବ କରିବା ଉଚିତ ବୋଲି ମତବ୍ୟକ୍ତ କରିଥିଲେ। ସମ୍ମାନୀତ ଅତିଥି ଭାବେ ବେତନଟୀ ଅତିରିକ୍ତ ତହସିଲଦାର ପ୍ରଦୀପ କୁମାର ଦାସ ଯୋଗଦେଇ ମହୋତ୍ସବ ଦ୍ୱାରା ଭାଇଚାରା ସୃଷ୍ଟି ହୋଇଥାଏ ବୋଲି ମତ ପ୍ରକାଶ କରିଥିଲେ। ମୁଖ୍ୟ ବକ୍ତା ଭାବେ ବେତନଟୀ ବ୍ଲକ ଗୋଷ୍ଠୀ ଶିକ୍ଷାଧିକାରୀ ବିପ୍ଳବ କୁମାର କର, ଅନ୍ୟତମ ଅତିଥି ଭାବେ ବେତନଟୀ ବନାଞ୍ଚଳ ଅଧିକାରୀ ମନୱର ଖାଁ ଯୋଗ ଦେଇଥିଲେ। ସଭାପତି ଦେବେନ୍ଦ୍ର କୁମାର ପଣ୍ଡା ସମସ୍ତ ଅଞ୍ଚଳବାସୀଙ୍କ ସହଯୋଗ କାମନା କରିଥିଲେ। ଆଞ୍ଚଳିକ ବିଦ୍ୟାଳୟ ଗୁଡ଼ିକର ଛାତ୍ରୀଛାତ୍ରଙ୍କ ମଧ୍ୟରେ ଆୟୋଜିତ ନୃତ୍ୟ ସଙ୍ଗୀତ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ସମ୍ପାଦକ ସତ୍ୟପ୍ରକାଶ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମ ମାଧ୍ୟମରେ 'ହାର୍ଟ ବିଟ ବ୍ୟାଣ୍ଡ' ଜଲୱା ଦେଖାଇବା ସହିତ ପ୍ରତିଷ୍ଠିତ ଓଲିଉଡ କଳାକାର ବର୍ଣ୍ଣାଳୀ ହୋତା, ଜେମସ, ପପୁ ପଣ୍ଡାଙ୍କ ସମେତ ଅନ୍ୟାନ୍ୟ କଳାକାରମାନେ ମଧ୍ୟରାତ୍ରୀ ପର୍ଯ୍ୟନ୍ତ ଦର୍ଶକଙ୍କ ମନୋରଞ୍ଜନ କରିଥିଲେ।

# ସମନ୍ୱିତ ମହିଳା ଓ ଶିଶୁ ବିକାଶ ସଂସ୍ଥା ପକ୍ଷରୁ ପ୍ରତିଯୋଗିତା


ପ୍ରତିଯୋଗିତାରେ ଭାଗ ନେଇଥିବା ଛାତ୍ରୀମାନେ।

ଉଦଳା,୮।୧(ସନ୍ତୋଷ କୁମାର ବାଛିନୀ)

ବାଲ୍ୟ ବିବାହ, ମହିଳା ସଶକ୍ତୀକରଣ, ଲିଙ୍ଗଗତ ସମାନତାକୁ ନେଇ ଏକ ପ୍ରତିଯୋଗିତା ଉଦଳା ଆଇସିଡିଏସ୍ କାର୍ଯ୍ୟାଳୟରେ ଆୟୋଜିତ ହୋଇଯାଇଛି। ଉଦଳା ବ୍ଲକ ଅଧୀନ ୧୨ଟି ପଞ୍ଚାୟତ ସମେତ ସ୍ଥାନୀୟ ଏନ୍‌ଏସି ଅଞ୍ଚଳର ଛାତ୍ରୀମାନଙ୍କୁ ନେଇ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ସିଡିପିଓ କୃଷ୍ଣା ମହାପାତ୍ର, ତହସିଲଦାର ସୁପ୍ରଭା ଦାସ, ଉଦଳା ବ୍ଲକ ଚେୟାରମ୍ୟାନ ମଞ୍ଜୁଲତା ବିଶ୍ୱାଳ, ଉପାଧ୍ୟକ୍ଷ ରଜନୀକାନ୍ତ ଦାସ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଛାତ୍ରୀମାନଙ୍କ ମଧ୍ୟରେ ଚିତ୍ରକଳା, ବକ୍ତୃତା, ପ୍ରବନ୍ଧ ଲିଖନ, କବିତା ଲିଖନ, ନାଚ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏହି ପ୍ରତିଯୋଗିତା ମାଧ୍ୟମରେ ବାଲ୍ୟ ବିବାହ ଉପରେ ରୋକ୍ ଲଗାଇବା, ମହିଳାମାନେ କିପରି ସଶକ୍ତ ହୋଇପାରିବେ ତାହାର ସନ୍ଦେଶ ପ୍ରଦାନ କରାଯାଇଥିଲା। ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଏହି କାର୍ଯ୍ୟକ୍ରମ ପରିଚାଳନାରେ ସେକ୍ଟର ସୁପରଭାଇଜର ମହମ୍ମଦ ସଦାବ, ମଧୁବ୍ରତ ଦାସ, ରେଣ୍ଟା ଟୁଡୁ, ରେବତୀ ବାରିକ ପ୍ରମୁଖ ସହଯୋଗ କରିଥିଲେ।

# ସାମଗ୍ରିକ ବିଦ୍ୟାଳୟ ବିକାଶ କର୍ମଶାଳା



ବାରିପଦା,୮।୧(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ ବାରିପଦାର ସମ୍ମିଳନୀ କକ୍ଷରେ ପ୍ରଧାନଶିକ୍ଷକଙ୍କ ବୃତ୍ତିଗତ ପ୍ରଶିକ୍ଷଣ ନିମନ୍ତେ ତ୍ରିଦିବସୀୟ ସାମଗ୍ରିକ ବିଦ୍ୟାଳୟ ବିକାଶ ଯୋଜନା ଆଧାରିତ କର୍ମଶାଳା 'ପ୍ରଗତି' ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୟୂରଭଞ୍ଜ ଜିଲାର ୧୩ଟି ବ୍ଲକରୁ ଆସିଥିବା ଗୋଷ୍ଠୀ ସାଧନକର୍ମୀମାନେ ଯୋଗ ଦେଇଥିଲେ। ଏହି ଅବସରରେ ପ୍ରତିଷ୍ଠାନର ଅଧ୍ୟକ୍ଷ ପ୍ରମୋଦ କୁମାର ଡାକୁଆ ପ୍ରଶିକ୍ଷଣର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଅନୁଷ୍ଠାନର ପୂର୍ବତନ ଅଧ୍ୟକ୍ଷ ଅନାଦି ଚରଣ ବିନ୍ଧାଣୀ, ଶିକ୍ଷକ ପ୍ରଶିକ୍ଷକ ସାଗର କୁମାର ଦଳନାଏକ, ଶିକ୍ଷକ ପ୍ରଶିକ୍ଷିକା ହରପ୍ରିୟା ନାୟକ ଓ ଶିକ୍ଷକ ପ୍ରଶିକ୍ଷକ ଦିଲୀପ କୁମାର ସିଂ ସାଧନକର୍ମୀ ଭାବରେ କର୍ମଶାଳାକୁ ପରିଚାଳନା କରିଥିଲେ। ଏହି କର୍ମଶାଳାରେ ପ୍ରଧାନ ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କ ବୃତ୍ତିଗତ ବିକାଶ କରିବା ଉପରେ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା।

# ଭାଜପା ନୂତନ ମଣ୍ଡଳ ସଭାପତିଙ୍କ ନାମ ଘୋଷଣା

ଠାକୁରମୁଣ୍ଡା,୮।୧(ତାରାକାନ୍ତ ପଟ୍ଟନାୟକ)

ପଶ୍ଚିମ ମୟୂରଭଞ୍ଜ ଭାଜପା ସାଙ୍ଗଠନିକ ଜିଲାର କରଞ୍ଜିଆ ଓ ଯଶିପୁର ବିଧାନସଭା ନିର୍ବାଚନମଣ୍ଡଳୀର ନୂତନ ମଣ୍ଡଳ ସଭାପତିଙ୍କ ନାମ ଘୋଷଣା ହୋଇଛି। ଭାଜପା ରାଜ୍ୟ ନିର୍ବାଚନ ଅଧିକାରୀ ପ୍ରତାପ ଷଡ଼ଙ୍ଗୀ ଏହା ଘୋଷଣା କରିଛନ୍ତି। କରଞ୍ଜିଆ ନିର୍ବାଚନମଣ୍ଡଳୀର ମହୁଲଡ଼ିହା ମଣ୍ଡଳ ସଭାପତି ଭାବେ ରଘୁନାଥ ନାୟକ, କରଞ୍ଜିଆ ନଗର ମଣ୍ଡଳ ସଭାପତି ସମ୍ବିଧାନ ମହାପାତ୍ର, କରଞ୍ଜିଆ ଗ୍ରାମୀଣ ମଣ୍ଡଳ ସଭାପତି ସୁନାମଣି ହୋ, ଟାଟୋ ମଣ୍ଡଳ ସଭାପତି ଦିଲ୍ଲୀପ କୁମାର ମହାନ୍ତ, ଠାକୁରମୁଣ୍ଡା ମଣ୍ଡଳ ସଭାପତି ତ୍ରିନାଥ ମହାନ୍ତ, ଶରତ ମଣ୍ଡଳ ସଭାପତି ଭାବେ ମାଥୁରୀ ସମାଡ଼ଙ୍କ ନାମ ଘୋଷଣା କରାଯାଇଛି। ସେହିପରି ଯଶିପୁର ବିଧାନସଭା ନିର୍ବାଚନମଣ୍ଡଳୀର ୫ଟି ମଣ୍ଡଳର ନୂତନ ସଭାପତିଙ୍କ ନାମ ଘୋଷଣା ହୋଇଛି। ରରୁଆଁ ମଣ୍ଡଳ ସଭାପତି ଭାବେ ରଞ୍ଜନ କୁମାର ଦଳେଇ, ଶିମିଳିପାଳ ମଣ୍ଡଳ ସଭାପତି ମହାନ୍ତି ବିରୁଆ,ଘାଗରବେଡା ମଣ୍ଡଳ ସଭାପତି ଭରତ ଚନ୍ଦ୍ର ମହାନ୍ତ, ଶୁକ୍ରୁଳି ମଣ୍ଡଳ ସଭାପତି ତାପସ କୁମାର ତିରିଆ, ଯଶିପୁର ମଣ୍ଡଳ ସଭାପତି ଭାବେ ପଶୁପତି ମିଶ୍ରଙ୍କ ନାମ ଘୋଷଣା ହୋଇଛି।

# ୩୦ ହଜାର ଟଙ୍କାର କାଠ ଜବତ

ମୋରଡ଼ା,୮।୧(ସ୍ମାରକ ମାଜୀ): ମୟୂରଭଞ୍ଜ ଜିଲା ବେତନଟୀ ବନ ବିଭାଗ ୬ଟି କାଠ ଗଣ୍ଡି(ଲଗ୍) ଜବତ କରିଛି। ସଇତପୁର ପଞ୍ଚାୟତର ବାଘବସା ଗ୍ରାମରେ ଥିବା ମେରଦା ସଂରକ୍ଷିତ ଜଙ୍ଗଲରେ ଚାରୋଟି ଶାଳ ଓ ଦୁଇଟି ନିମ୍ବ ଗଛର ଗଣ୍ଡି କଟାହୋଇ ପଡ଼ିଥିବା ଖବରପାଇ ବେତନଟୀ ରେଞ୍ଜର ମନୱାର ଖାଁ, ଫରେଷ୍ଟର ଦୀପକ କୁମାର ପାତ୍ର, ଫରେଷ୍ଟ ଗାର୍ଡ ଶୁଭାଶିଷ ସାହୁ, ବିଜୟ ଦାସ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ଉକ୍ତ କାଠ ଗଣ୍ଡିଗୁଡ଼ିକୁ ଜବତ କରି ବେତନଟୀ ରେଞ୍ଜ ଅଫିସକୁ ଆଣିଛନ୍ତି। ତେବେ ଜବତ କାଠ ଗଣ୍ଡିର ଆନୁମାନିକ ମୂଲ୍ୟ ୩୦ ହଜାର ଟଙ୍କା ହେବ ବୋଲି ଫରେଷ୍ଟର ପାତ୍ର କହିଛନ୍ତି।

# ଅଙ୍ଗନୱାଡି କେନ୍ଦ୍ରରେ ତାଲା ପକାଇଲେ ଗ୍ରାମବାସୀ

ମୋରଡ଼ା,୮।୧(ସ୍ମାରକ ମାଜୀ): ମୟୂରଭଞ୍ଜ ଜିଲା ମୋରଡ଼ା ବ୍ଲକ ଅଧୀନ କୋହି ଅଙ୍ଗନୱାଡି କେନ୍ଦ୍ରରେ ଖାଦ୍ୟ ପ୍ରଦାନରେ ଅନିୟମିତତା ହେଉଥିବା ଅଭିଯୋଗ ହୋଇଛି। ଯାହାକୁ ନେଇ ମଙ୍ଗଳାବାର ଗ୍ରାମର ମହିଳାମାନେ ଉକ୍ତ ଅଙ୍ଗନୱାଡି କେନ୍ଦ୍ରରେ ତାଲା ପକାଇଲେ। ବୁଧବାର ମୋରଡ଼ା ବିଡିଓ ଅଣାକର ନାଏକ, ସିଡିପିଓ ବିଜୟଲକ୍ଷ୍ମୀ ଦଣ୍ଡପାଟ ଓ ସୁପରଭାଇଜର ଅଙ୍ଗନୱାଡି କେନ୍ଦ୍ରରେ ପହଞ୍ଚି ମହିଳାମାନଙ୍କୁ ବୁଝାଶୁଝା କରିଥିଲେ। ଘଟଣାର ପୁନରାବୃତ୍ତି କଲେ ସମ୍ପୃକ୍ତ ଅଙ୍ଗନୱାଡି କର୍ମୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ବିଡିଓ ପ୍ରତିଶ୍ରୁତି ଦେବା ପରେ ପରିସ୍ଥିତି ସ୍ୱାଭାବିକ ହୋଇଥିଲା।

# 'ପାଠ୍ୟ ପୁସ୍ତକ ସହ ଯୋଡ଼ିହେଲେ ସଫଳତା ମିଳିବ'

## ଭଞ୍ଜପୁର ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ବାର୍ଷିକୋତ୍ସବ

ବାରିପଦା,୮।୧(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ବାରିପଦା ଭଞ୍ଜପୁରସ୍ଥିତ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ ଶକୁନ୍ତଳା ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବାରିପଦା ଗୋଷ୍ଠୀ ଶିକ୍ଷା ଅଧିକାରୀ ନଳିନୀକାନ୍ତ ପ୍ରଧାନ, ମୁଖ୍ୟ ବକ୍ତା ଭାବେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଡ.ସ୍ନେହଲତା ବେହେରା, ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ତପସ୍ୱିନୀ ଦାଶ ଓ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ସୁଚିତ୍ରା ସେଠୀ ସ୍ୱତନ୍ତ୍ର ଅତିଥି ଭାବେ ଉପସ୍ଥିତ ଥିଲେ। ଜୀବନରେ ସଫଳତା ଆପଣାଛାଏଁ ଆସି ନ ଥାଏ, ଏଥି ପାଇଁ ନିଷ୍ଠାର ସହ କଠୋର ପରିଶ୍ରମ କରିବାକୁ ପଡ଼େ। ଆଜିର ଯୁଗରେ ଝିଅମାନେ ପାଠପଢ଼ାରେ ଆଗୁଆ ରହିଥିବାରୁ ସମସ୍ତଙ୍କୁ ପାଠ୍ୟ ପୁସ୍ତକ ସହ ଯୋଡ଼ି ରହିବାକୁ ଅତିଥିମାନେ ପରାମର୍ଶ ଦେଇଥିଲେ। ଏହି ଅବସରରେ କୃତୀ ଛାତ୍ରୀମାନଙ୍କୁ ପ୍ରମାଣ ପତ୍ର ସହ ପୁରସ୍କାର ପ୍ରଦାନ କରାଯାଇଥିଲ। ଦଶମ ଶ୍ରେଣୀର ଛାତ୍ରୀ ଜିଜ୍ଞାସା ମିଶ୍ର ଶ୍ରେଷ୍ଠ ଛାତ୍ରୀ, ତୁଳସୀ ମାରାଣ୍ଡି ସିନିୟର ବିଭାଗର ଚାମ୍ପିୟନ, ଅଷ୍ଟମ ଶ୍ରେଣୀର ଛାତ୍ରୀ ସୁଚିସ୍ମିତା ହାଁସଦା ଜୁନିୟର ବିଭାଗର ଚାମ୍ପିୟନ ହୋଇ ସ୍ୱତନ୍ତ୍ର ଭାବେ ପୁରସ୍କୃତ ହୋଇଥିଲେ। ଶିକ୍ଷୟିତ୍ରୀ ବିଷ୍ଣୁପ୍ରିୟା ମଲ୍ଲିକ ମଞ୍ଚ ପରିଚାଳନା କରିବା ସହିତ ଧନ୍ୟବାଦ ଅର୍ପଣ କରିଥିଲେ। ଶିକ୍ଷକ ସୁନୀଲ ଖିଲାର, ସଞ୍ଜୟ ବେହେରା, ଶିକ୍ଷୟିତ୍ରୀ ମମତା ମହାନ୍ତି, ଜସ୍ମିତା ବେହେରା, ସାଗରିକା ପାତ୍ର, ଅନୀତା ପାତ୍ର, ପ୍ରତିମା ବାରିକ , ସୀମା ମହାନ୍ତି , ସୋନାଲି ପାଣିଗ୍ରାହୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଶେଷରେ ଛାତ୍ରୀ ମାନଙ୍କ ଦ୍ୱାରା ଆକର୍ଷଣୀୟ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।


ଅତିଥିଙ୍କ ସହ କୃତୀ ଛାତ୍ରୀମାନେ।



